Chapter- 15

# ବୁଢା ଶଙ୍ଖାରୀ

## QUESTION BANK

୧.   ବୋହୂର ହାତ ଦେଖି ଶଙ୍ଖାରି ବୁଢା ମନରେ କ'ଣ ପ୍ରତିକ୍ରିୟା ସୃଷ୍ଟି ହେଲା ?

୨.   ଆସ୍‌ମାନ୍‌ତାରା ଶଙ୍ଖା ବୁଢା କି ପରିସ୍ଥିତିରେ ଓ କିପରି ତିଆରି କଲା ?

୩.   ବୁଢା ନିଜେ ନ ମରି ମାଆକୁ ଦେଖିବାକୁ ଆସିଲା ବୋଲି କହିବାର ଉଦ୍ଦେଶ୍ୟ କ'ଣ ?

୪.   ବୁଢା ଆଣିଥିବା ଶଙ୍ଖା କାନ୍ଦି କାନ୍ଦି ବାହାରେ କଚାଡି ଚୂନା କରିଦେଲା କାହିଁକି ?

### (ଖ) ଗୋଟିଏ ପଦରେ ଉତ୍ତର ଲେଖ ।

୧ । ବୋହୂଟି ଲାଜ କରିବାରୁ ଶଙ୍ଖାରି ବୁଢ଼ା କ'ଣ କହିଲା ?
୨ । ଶଙ୍ଖାରି ବୁଢ଼ା ବୋହୂକୁ ହାତ ବଢ଼ାଇଦେବାକୁ କାହିଁକି କହିଲା ?
୩ । ତାର ମା'ର କେଉଁ ଶଙ୍ଖା ଉପରେ ମନ ବୋଲି ବୁଢ଼ାଟି ଭାବିଲା ?
୪ । କେଉଁ ଦିନ ଶଙ୍ଖାରି ବୁଢ଼ା ତା' ମାଆ ପାଇଁ ଆସ୍‌ମାନ୍‌ତାରା ଶଙ୍ଖା ଆଣିବ ବୋଲି ସ୍ଥିର କଲା ?
୫ । ରୋଜ ରୋଜ ପାଣିପିଆ, ବାଟଚଲା ଯୋଗୁଁ ବୁଢ଼ାର କ'ଣ ହେଲା ?
୬ । 'ବୁଢ଼ା ଶଙ୍ଖାରି' ଗଳ୍ପର ରଚୟିତା କିଏ ?
୭ । ଶଙ୍ଖାରି ବୁଢ଼ା କେଉଁ ସମୟରେ ଗାଁ ମଝିରେ ଯାଉଥିଲା ?
୮ । ବୁଢ଼ା ମୁଣ୍ଡରେ କ'ଣ ଧରିଥିଲା ?
୯ । ବୋହୂଟି ପ୍ରଥମେ ଶଙ୍ଖା ପିନ୍ଧିବାକୁ ହାତ ବଢ଼େଇ ନଥିଲା କାହିଁକି ?

୧୦ ।ଶଙ୍ଖା ପିନ୍ଧେଇ ସାରି ବୁଢ଼ା ଦାମ୍ ନେଲାନାହିଁ କାହିଁକି ?
୧୧ ।ବୁଢ଼ା କେତେମାସ ଧରି ବୋହୂକୁ ଦେଖିବାକୁ ଯାଇ ପାରିନଥିଲା ?
୧୨ ।ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ କେଉଁ କବି ବୋଲି ସମ୍ବୋଧନ କରାଯାଏ ?
୧୩ ।କେଉଁ ମାସରେ ଶଙ୍ଖାରି ବୁଢ଼ା ମୁଣ୍ଡରେ ଶଙ୍ଖା ବୋଝ ଧରି ଗାଁ ଦାଣ୍ଡରେ ଯାଉଥିଲା ?
୧୪ ।"କିହୋ ଶଙ୍ଖାରି ପୁଅ, ଶଙ୍ଖା ଆଣିଛ କି"– ଏକଥା କିଏ ବୁଢ଼ାକୁ ପଚାରିଲା ?
୧୫ ।ଦାସୀ ଶଙ୍ଖାରି ବୁଢ଼ା ପାଖରେ କ'ଣ ଆଣି ଥୋଇଦେଲା ?
୧୬ ।ଗାଁ ମୁଣ୍ଡରେ ଥିବା ଘରଟି କିପରି ଘର ଥିଲା ?
୧୭ ।ଶଙ୍ଖାରି ବୁଢ଼ା ଦାସୀକୁ କ'ଣ ମାଗିଥିଲା ?
୧୮ ।ଶଙ୍ଖାରି ବୁଢ଼ା ଉପରକୁ ଆଁକରି କିପରି ଲୋଟାଏ ପାଣି ଟେକିଦେଲା ?
୧୯ ।ଶଙ୍ଖାରି ବୁଢ଼ା ପାଣି ପିଇସାରି ଦାସୀକୁ ଆଶୀର୍ବାଦ ନେଇ କ'ଣ କହିଲା ?
୨୦ ।ଦୁଆର ପାଖରେ ଓଢ଼ଣା ଦେଇ କିଏ ଛିଡ଼ା ହୋଇଥିଲା ?

## (ଗ) ଶୂନ୍ୟସ୍ଥାନ ପୂରଣ କର ।

୧ । ଶଙ୍ଖାରି ବୁଢ଼ାର ଦାନ୍ତଗୁଡ଼ାକ ______ ।
୨ । ଶଙ୍ଖାରି ବୁଢ଼ାର ପାଦଠାରୁ ଆଣ୍ଠୁପର୍ଯ୍ୟନ୍ତ ______ ରେ ବୁଡ଼ିଥିଲା ।
୩ । ବୁଢ଼ାର ଛାତି ବାଳଗୁଡ଼ିକ ______ ଦେଖାଯାଉଥିଲା ।
୪ । ଶଙ୍ଖା କେହି ନେବେ ନାହିଁ– ଏକଥା ବୁଢ଼ାକୁ ______ କହିଲେ ।
୫ । ବୋହୂ ସହିତ ଦେଖା ହୋଇପାରିବ ନାହିଁ ଶୁଣିବା ପରେ ବୁଢ଼ାର ଆଖି ______ ହୋଇଉଠିଲା ।
୬ । 'ଥରଟିଏ ଦେଖିବି– ମୁଁ ଆଉ ବଞ୍ଚିବି ନାହିଁ'– ଏକଥା ______ କହିଥିଲା ।
୭ । ବୋହୂଟି ଆସିବା ବେଳକୁ ______ ପରି ଶବ୍ଦ ଶୁଭେ ।
୮ । ସେଦିନ ବୋହୂଟି ବୁଢ଼ା ପାଖରେ ______ ଆସି ଛିଡ଼ା ହେଲା ।
୯ । ସେଦିନ ବୋହୂଟି ______ ଲୁଗା ପିନ୍ଧିଥିଲା ।
୧୦ ।ବୋହୂଟିର ଖାଲିହାତ ଦେଖି ବୁଢ଼ା ______ ରଡ଼ି କରି ଉଠିଲା ।

****